ସମ୍ବାଦ
ତାରିଖ: ୨୨.୦୩.୨୦୧୩

# ବିଆଇଆଇଟିଏମ୍‌ର ପ୍ଲେସ୍‌ମେଣ୍ଟ୍ ବୁଲେଟିନ୍ ଉନ୍ମୋଚିତ

ଭୁବନେଶ୍ୱର, ୨୧/୩(ଇମିସ): ପଟିଆସ୍ଥିତ ବିଜୁ ପଟ୍ଟନାୟକ ସୂଚନା ପ୍ରଯୁକ୍ତି ଓ ପରିଚାଳନା ବିଦ୍ୟା ପ୍ରତିଷ୍ଠାନ(ବିଆଇଆଇଟିଏମ୍)ର ପ୍ଲେସ୍‌ମେଣ୍ଟ୍ ବୁଲେଟିନ୍ ଉନ୍ମୋଚିତ ହୋଇଯାଇଛି । ଏହି ଉପଲକ୍ଷେ ଅନୁଷ୍ଠାନର ପ୍ରିନ୍‌ସିପାଲ୍ ଇଂ ପି ଆର୍ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏଥିରେ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀ ପ୍ଲେସ୍‌ମେଣ୍ଟ୍‌ରେ ସେମାନଙ୍କ ସଫଳତା ସମ୍ପର୍କରେ ନିଜସ୍ୱ ଅନୁଭୂତି ବର୍ଣ୍ଣନା କରିଥିଲେ । ଚଳିତ ବର୍ଷ ବିଆଇଆଇଟିଏମ୍‌ରେ ବହୁ ପ୍ରତିଷ୍ଠିତ କମ୍ପାନି ଏସିଆନ୍ ପେଣ୍ଟ୍‌ସ, କ୍ୟାପିଟାଲ୍ ଆଇକ୍ୟୁ, ଜେନ୍‌ପାକ୍ଟ, ଅକ୍ସଫାମ୍ ଆଦି ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ଅଫର୍ ଲେଟର୍ ଦେଇଛନ୍ତି । ଏହି ସଫଳତା ନିମନ୍ତେ କଲେଜ କର୍ତ୍ତୃପକ୍ଷ ଡିନ୍(ପ୍ଲେସ୍‌ମେଣ୍ଟ୍) ବିପ୍ଳବ ବିଶ୍ୱାଳ ଓ ପ୍ଲେସ୍‌ମେଣ୍ଟ କମିଟିର ଅନ୍ୟ ସଦସ୍ୟମାନଙ୍କ ଭୂମିକାକୁ ପ୍ରଶଂସା କରିଛନ୍ତି ।